# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 March - 2025

### News Editor : Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ସହିଦ୍ ଭଗତ୍ ସିଂ, ଶୁକଦେବ ଏବଂ ଜୟୀ ରାଜଗୁରୁଙ୍କ ଦେଶପ୍ରେମ ଓ ବଳିଦାନକୁ ସ୍ମରଣ କରି ଆଜି ପାଳନ କରାଯାଉଛି ବଳିଦାନ ଦିବସ
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ଆବେଦନ ଆଉ ଗୋଟିଏ ଦିନ ବୃଦ୍ଧି
- ମୟୂରଭଞ୍ଜ ଜିଲ୍ଲାରେ କାଳବୈଶାଖୀ ବର୍ଷା ଓ ଝଡ଼ତୋଫାନ ଜନିତ କ୍ଷୟକ୍ଷତିର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଏବଂ

- 'ପାଣିପାଗର ସଠିକ୍ ପୂର୍ବାନୁମାନ କରି ବିପର୍ଯ୍ୟୟ ରୋକିବା' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପାଣିପାଗ ଦିବସ

# ବଳିଦାନ ଦିବସ

ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ସୁକଦେବ ଥାପର ଏବଂ ଜୟୀ ରାଜଗୁରୁଙ୍କ ଆଜି ବଳିଦାନ ଦିବସ । ଇଂରେଜ ସରକାର ଆଜିର ଦିନରେ ୧୯୩୧ ମସିହାରେ ଏହି ତିନି ମହାନ୍ ଯୋଦ୍ଧାଙ୍କୁ ଫାଶୀ ଦେଇଥିଲେ । ସେମାନଙ୍କର ଦେଶପ୍ରେମ ଏବଂ ବଳିଦାନକୁ ସ୍ମରଣ କରିବା ପାଇଁ ଦେଶରେ ଆଜି ଶହୀଦ ଦିବସ ପାଳନ କରାଯାଉଛି । ବିପ୍ଲବୀଙ୍କ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରି ପ୍ରତିବର୍ଷ ମାର୍ଚ୍ଚ ୨୩ ତାରିଖରେ ସମଗ୍ର ଦେଶରେ ସହିଦ ଦିବସ ପାଳନ କରାଯାଇଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦିବସ ପାଳନ ଅବସରରେ ୩ଜଣଯାକ ବିପ୍ଲବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ଭିଡ଼ିଓ ସେୟାର କରି ପ୍ରଧାନମନ୍ତ୍ରୀ ସେମାନଙ୍କର ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ସେମାନଙ୍କ ବଳିଦାନ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି ।

**V/O**

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ବଳିଦାନ ଦିବସରେ ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ଦେଶର ଏକତା ଓ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କୁ ସ୍ମରଣ କରିଛନ୍ତି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେମାନଙ୍କ ବଳିଦାନ ଓ ମାତୃଭୂମି ପ୍ରତି ନିଷ୍ଠା ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ।

# ଫିଟ୍ ଇଣ୍ଡିଆ

ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ନିୟମିତ ବ୍ୟାୟାମ ଏବଂ ସାଇକଲ ଚାଳନାକୁ ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିବାକୁ ଆହ୍ୱାନ ଦେଇଛନ୍ତି । ଦେଶବ୍ୟାପୀ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲ' ଅଭିଯାନକୁ  ଆଜି ଲକ୍ଷ୍ନୌଠାରେ ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି ସାଇକଲ ଚାଳନା ଦ୍ୱାରା ମାନସିକ ଏବଂ ଶାରିରୀକ ସୁସ୍ଥତା ବୃଦ୍ଧି ପାଇଥାଏ । ପରିବେଶ  ସୁରକ୍ଷିତ ରଖିବାରେ ମଧ୍ୟ ଏହା ସହାୟକ ହୋଇଥାଏ ।

ଏହି ଅବସରରେ ଡକ୍ଟର ମାଣ୍ଡବୀୟ ୩ କିଲୋମିଟର ପର୍ଯ୍ୟନ୍ତ ସାଇକଲ ଚାଳନା କରିଥିଲେ । କାର୍ଯ୍ୟକ୍ରମରେ ୪୦୦ରୁ ଅଧିକ ସାଇକଲ ଚାଳକ ଅଂଶଗ୍ରହଣ କରି ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀ ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତା ପ୍ରଚାର କରିଥିଲେ । ସୂଚନାଯୋଗ୍ୟ ଏପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ୪ହଜାର ୨୦୦ରୁ ଅଧିକ ସାଇକଲ ଚାଳନା ଅଭିଯାନ ଆୟୋଜିତ ହେବା ସହ ଏଥିରେ ପାଖାପାଖି ୨ଲକ୍ଷ ଲୋକ ଅଂଶଗ୍ରହଣ କରିଥିବା ଜଣାପଡିଛି ।

## ଏନ୍‌ଟିଏ-ସିୟୁଇଟି

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୟୁଜି ୨୦୨୫ନିମନ୍ତେ ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲ ସମୟସୀମାକୁ ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରିଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପରୀକ୍ଷା ଦେୟ ଦାଖଲ କରିବା ସମୟସୀମାକୁ ମଧ୍ୟ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ଆବେଦନ ପତ୍ରରେ ଆବଶ୍ୟକ ସଂଶୋଧନ କରିପାରିବେ ।

## କାଳବୈଶାଖୀ

କାଳବୈଶାଖୀ ଜନିତ ବର୍ଷା ଓ ଝଡ ତୋଫାନ ଯୋଗୁଁ କ୍ଷୟକ୍ଷତିର ଆକଳନ ପାଇଁ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ କୃଷ୍ଣଚନ୍ଦ୍ର ମହାପାତ୍ର ମୟୂରଭଂଜ ଜିଲ୍ଲା ଗସ୍ତ କରି ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

କ୍ଷୟକ୍ଷତି ରିପୋର୍ଟ ସରକାରଙ୍କର ହସ୍ତଗତ ହୋଇଛି। କ୍ଷତିଗ୍ରସ୍ତଙ୍କୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ଚେଷ୍ଟା ଜାରି ରହିଛି। ଯେଉଁମାନଙ୍କର ବ୍ୟାଙ୍କ ସହିତ ଆଧାର ନମ୍ବର ସଂଯୋଗ ହୋଇନାହିଁ ସେମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯିବ।

## ଶ୍ରୀରାମନବମୀ

ଶ୍ରୀରାମନବମୀ ଉତ୍ସବ ପାଳନ ପାଇଁ **ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀରାମନବମୀ ଉତ୍ସବ ପାଳନ ସମୟରେ ସୁରକ୍ଷା ସମେତ ଅନ୍ୟାନ୍ୟ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦନ ପାଇଁ ଆଲୋଚନା ହୋଇଛି । ଅଯୋଧ୍ୟାରୁ ଆଜ୍ଞାମାଳ ଆସିବା ପରେ ଶ୍ରୀରାମନବମୀ ଉତ୍ସବର ଶୁଭାରମ୍ଭ ହେବ । ଏହା ପୂର୍ବରୁ ରାସ୍ତାଘାଟ ମରାମତି, ପାନୀୟ ଜଳ ବ୍ୟବସ୍ଥା ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଆଜି ଶ୍ରୀରାମନବମୀ ପାଳନ ଅବସରରେ ମାତୃଭୂମି ପାଇଁ ଏକ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଅଭିମନ୍ୟୁ ସେଠୀ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏ ସମ୍ପର୍କରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି....

**-V/O-** (Suryabansi Suraj)

## ବିଶ୍ୱ ପାଣିପାଗ ଦିବସ

ମନୁଷ୍ୟ ସମାଜକୁ ପାଣିପାଗ ଏବଂ ଏଥିସହିତ ଜଡ଼ିତ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ

ପାଣିପାଗ ଦିବସ ପାଳନ କରାଯାଉଛି। ୧୯୫୦ ମସିହା ଆଜିର ଦିନରେ ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ବିଶ୍ୱ ପାଣିପାଗ ବିଭାଗ ଗଠନ କରାଯାଇଥିଲା । ୧୯୬୧ ମସିହା ପରଠାରୁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, 'ପାଣିପାଗର ସଠିକ ପୂର୍ବାନୁମାନ କରି ବିପର୍ଯ୍ୟୟ ରୋକିବା।' ବିଭିନ୍ନ ଦେଶରେ ପାଣିପାଗ ଦିବସ ପାଳନ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସହିତ ବୈଜ୍ଞାନିକମାନେ ସେମାନଙ୍କର ସୁଚିନ୍ତିତ ବିଚାରଧାରାକୁ ଉପସ୍ଥାପିତ କରିଥାନ୍ତି।

ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ୟାପକ ଧନଜୀବନ ନଷ୍ଟ ହେଉଥିବାବେଳେ ସମ୍ପ୍ରତି ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଯୋଗୁଁ ପାଣିପାଗ ପୂର୍ବାନୁମାନ କ୍ଷେତ୍ରରେ ଯଥେଷ୍ଟ ବିକାଶ ଘଟିଛି।

ଗତ ୭୫ ବର୍ଷ ମଧ୍ୟରେ ବିଶ୍ୱର ବିଭିନ୍ନ ପାଣିପାଗ ସଂସ୍ଥା ଜନସାଧାରଣ, ସରକାର ଏବଂ ବିଭିନ୍ନ ସଂଗଠନ ପାଇଁ ଯୋଗସୂତ୍ରକାରୀ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛନ୍ତି। ସଠିକ ପାଣିପାଗ ଆକଳନ ଓ ପୂର୍ବାନୁମାନ ଯୋଗୁଁ ଲକ୍ଷ ଲକ୍ଷ ଜୀବନ ରକ୍ଷା କରାଯାଇପାରୁଛି।

ପ୍ରାକ୍ ବିପର୍ଯ୍ୟୟ  ମୁକାବିଲା କ୍ଷେତ୍ରରେ ବିଶ୍ୱର ଅନେକ ସରକାର ପାଣିପାଗ ଉପରେ ନିର୍ଭର କରୁଛନ୍ତି। ଏହି ଅବସରରେ ଭାରତୀୟ ପାଣିପାଗ ବିଭାଗ

ପକ୍ଷରୁ ଗତକାଲି ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପୃଥ୍ୱୀ ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡକ୍ଟର ଏମ୍. ରବିଚନ୍ଦ୍ରନ୍ ଏବଂ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ପାଣିପାଗ କ୍ଷେତ୍ରରେ ବିଶ୍ୱରେ କିଭଳି ପ୍ରାକ୍ ସତର୍କତା ବ୍ୟବସ୍ଥାକୁ ଆହୁରି ଉନ୍ନତ ଏବଂ ସମସ୍ତଙ୍କ ପାଖରେ ପହଞ୍ଚାଇବା ଭଳି ବ୍ୟବସ୍ଥା କରାଯାଇ ପାରିବ ସେ ସମ୍ପର୍କରେ କହିଥିଲେ।

## ପଲ୍ଲିଶ୍ରୀ ମେଳା

**କନ୍ଧମାଳ** ଜିଲ୍ଲାରେ ଚାଲିଥିବା ଜିଲ୍ଲା ମହୋତ୍ସବରେ ପଲିଶ୍ରୀମେଳା ଆୟୋଜିତ ହେଉଛି। ଏଥିରେ ୧୬୦ ରୁ ଅଧିକ ଷ୍ଟଲ୍‌ରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ଉତ୍ପାଦ ବିକ୍ରୀ କରୁଛନ୍ତି। ମହୋତ୍ସବ ଅବସରରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ କ୍ରୀଡା କାର୍ଯ୍ୟକ୍ରମ ଓ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଅମ୍ରିତ ଋତୁରାଜ କହିଛନ୍ତି।

**-V/O-** (Kandhamal Collector-Amrit Ruturaj)

## ସହାୟତା ଶିବିର

**ଗଞ୍ଜାମ** ଜିଲ୍ଲା ଖଲ୍ଲିକୋଟସ୍ଥିତ କଲ୍ୟାଣମଣ୍ଡପଠାରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ ସହାୟତା ଶିବିର ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ଶ୍ରମ ଆୟୁକ୍ତ ବାବୁଚରଣ ପାତ୍ର ଏବଂ ଅନ୍ୟ ଅଧିକାରୀମାନେ ୧୪୧ ଜଣ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ଅର୍ଥ ରାଶି ବଣ୍ଟନ କରିଥିବାବେଳେ ୨୮୩ ଜଣଙ୍କୁ ବିବାହ, ୨୮ ଜଣଙ୍କୁ ପ୍ରସୂତିକାଳୀନ, ୫୫ ଜଣଙ୍କୁ ମୃତ୍ୟୁକାଳୀନ

ଏବଂ ୩୧ ଜଣଙ୍କୁ ଅନ୍ତେଷ୍ଟିକ୍ରିୟା ଜନିତ ସହାୟତା ରାଶି ପ୍ରଦାନ କରିଛନ୍ତି। ମୋଟ୍ ୫୩୮ ଜଣ ହିତାଧିକାରୀଙ୍କୁ ୨ କୋଟି ୬୬ ଲକ୍ଷ ୩୬ ହଜାର ୮୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।

# ପାଣିପାଗ-କାଳବୈଶାଖୀ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବରେ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ପାଇଁ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି - ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ଯାଜପୁର, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, ଅନୁଗୁଳ ଓ କେନ୍ଦୁଝର।

ଗଞ୍ଜାମର ରଙ୍ଗେଇଲୁଣ୍ଡାରେ ସର୍ବାଧିକ ୮ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଛତ୍ରପୁରରେ ୭ ସେଣ୍ଟିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଗତକାଲି ମାଲକାନଗିରିରେ ସର୍ବାଧିକ ଦିନ ତାପମାତ୍ରା ୩୬ ଦଶମିକ ୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା।

# କୁଆପଥର ବର୍ଷା

**ବୌଦ୍ଧ** ଜିଲ୍ଲାରେ ଗତକାଲି ଓ ଆଜି କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା ହୋଇଛି। ବର୍ଷା ହେବା ଫଳରେ ସର୍ବାଧିକ ତାପମାତ୍ରା ରହିଥିବା ବୌଦ୍ଧ ଜିଲ୍ଲାର ଜନସାଧାରଣ ଆଶ୍ୱସ୍ତି ଅନୁଭବ କରିଛନ୍ତି। ତେବେ କୁଆପଥର ମାଡରେ ଗାଡିମଟର, ଆଜବେଷ୍ଟସ୍ ଘର କ୍ଷତିଗ୍ରସ୍ତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଖେଳ ଖବର

ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରାଗେମ୍ସ୍-୨୦୨୫ରେ ଓଡ଼ିଶାର ପାରା କ୍ରୀଡାବିତ୍ ସୁଚିତ୍ରା ପରିଡା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏଫ୍-୫୫ ଜାଭେଲିନ୍-ଥ୍ରୋ ବର୍ଗରେ ସେ ୧୮ ଦଶମିକ ୫/୭ ମିଟର ଜାଭେଲିନ୍ ଫୋପାଡି ଏହି ସଫଳତା ପାଇଛନ୍ତି। ପୂର୍ବରୁ ରାଜ୍ୟର ଜୟନ୍ତୀ ବେହେରା ୧୦୦ ମିଟର ଟି-୪୭ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ମହିଳା ୧୦୦ ମିଟର, ଟି-୧୨ ବର୍ଗରେ ଜାନକୀ ଓରାମ ରୌପ୍ୟ ପଦକ ହାସଲ କରିଛନ୍ତି। ତାଲିକାରେ ୩ଟି ପଦକ ସହ ଓଡ଼ିଶା ତ୍ରୟୋଦଶ ସ୍ଥାନରେ ରହିଛି।

******************************